
# ମାଂସ ପାଇଁ କୁକୁଡ଼ା ପାଳନ





## କୃଷି ବିଜ୍ଞାନ କେନ୍ଦ୍ର ଅନୁଗୁଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

# ମାଂସ ପାଇଁ କୁକୁଡ଼ା ପାଳନ

*ଡା. ସନତ୍ ମିଶ୍ର, ତାଲିମ୍ ସହଯୋଗୀ*

## ମାଂସ ପାଇଁ କୁକୁଡ଼ା ବା ବ୍ରଏଲର କୁକୁଡ଼ା

ମାଂସ ଉଦ୍ଦେଶ୍ୟରେ ସୃଷ୍ଟି କରାଯାଇଥିବା କୁକୁଡ଼ାଙ୍କୁ Meat purpose Breeds of Chickens ବୋଲି କୁହାଯାଏ । ଏହି ଜାତୀୟ କୁକୁଡ଼ାମାନେ ଖୁବ୍ ଅଳ୍ପ ସମୟରେ ଅର୍ଥାତ୍ ୪୫ ଦିନରେ ବେଶି ଓଜନର ହୋଇଯାଉଥିବାରୁ ଏମାନଙ୍କ ଠାରୁ ବେଶି ପରିମାଣରେ ମାଂସ ମିଳିଥାଏ । ଏମାନଙ୍କ ମଧ୍ୟରେ କର୍ଣ୍ଣିସ୍, ପ୍ଲାଇ ମାଉଥ୍ ରକ୍, ବ୍ରହ୍ମା ଇତ୍ୟାଦି ପ୍ରଧାନ ।

ଆମେ ଏଠାରେ ମାଂସ ପାଇଁ କୁକୁଡ଼ା ମାନଙ୍କ ପାଇଁ ଗୃହ, ଗୃହୋପକରଣ, ଚିଆଁ ଉଷୁମେଇବା, ଚିଆଁ ପାଳନ ଓ ବର୍ଦ୍ଧିତ କୁକୁଡ଼ାମାନଙ୍କର ଲାଳନ ପାଳନ ବିଷୟରେ ଆଲୋଚନା କରିବା ।

ଅଧିକ ମାଂସ ଉତ୍ପାଦନ ନିମିତ୍ତ କୁକୁଡ଼ା ପାଇଁ ଖାଦ୍ୟ ଓ ପାନୀୟ ସହିତ ଉତ୍ତମ ବାସସ୍ଥାନ ମଧ୍ୟ ଆବଶ୍ୟକ । ଉତ୍ତମ ବାସସ୍ଥାନ କୁକୁଡ଼ାଙ୍କୁ ଅତ୍ୟଧିକ ପ୍ରତିକୂଳ ପାଗ, ପରାଙ୍ଗପୁଷ୍ଟ, ହିଂସ୍ର ଜୀବଜନ୍ତୁ ଓ ରୋଗରୁ ରକ୍ଷା କରିବା ସଙ୍ଗେ ସଙ୍ଗେ କୁକୁଡ଼ା ଘରେ କାମ କରୁଥିବା ଲୋକଙ୍କୁ ସହଜରେ ଓ ସ୍ୱଚ୍ଛନ୍ଦରେ କାମ କରିବାରେ ସହାୟକ ହୋଇଥାଏ ।

## ସ୍ଥାନ ନିରୂପଣ

୧. କୁକୁଡ଼ା ଘରଗୁଡ଼ିକ ଉଚ୍ଚ ଓ ଉତ୍ତମ ଜଳ ନିଷ୍କାସନ ହୋଇ ପାରୁଥିବା ସ୍ଥାନରେ ନିର୍ମିତ ହେବା ଉଚିତ୍ ।

୨. କୁକୁଡ଼ା ଘର ଗୁଡ଼ିକ ବ୍ୟବସାୟ ସ୍ଥଳ ନିକଟବର୍ତ୍ତୀ ସ୍ଥାନମାନଙ୍କରେ ହେଲେ କୁକୁଡ଼ା ବିକ୍ରୟର ସୁବିଧା ହେବା ସଙ୍ଗେ ସଙ୍ଗେ କୁକୁଡ଼ା ଦାନା ସହଜରେ ଓ ଅଳ୍ପ ଖର୍ଚ୍ଚରେ ଆଣିହୁଏ ।

୩. କୁକୁଡ଼ା ଫାର୍ମ ନିକଟରେ କୁକୁଡ଼ା ଖାଦ୍ୟ, ଔଷଧ ସାମଗ୍ରୀ ଏବଂ ଡ଼ାକ୍ତରୀ ଚିକିତ୍ସା ପାଇଁ ସୁବିଧା ଥିବା ଆବଶ୍ୟକ ।

୪. ଏଠାରେ ଗମନାଗମନର ସୁବିଧା ଥିବା ଆବଶ୍ୟକ ।

୫. ଏଠାରେ ବିଜୁଳି ଶକ୍ତି ଓ ପାଣି ସହଜରେ ମିଳୁଥିବା ଆବଶ୍ୟକ ।

୬. ଏହା ଜନବସତି ଠାରୁ ଦୂରରେ ରହିବା ଆବଶ୍ୟକ ଓ ଭବିଷ୍ୟତରେ ଏହାକୁ ସଂପ୍ରସାରିତ କରିବା ପାଇଁ ସ୍ଥାନ ଥିବା ଆବଶ୍ୟକ ।

୭. ଏହା ନିକଟରେ ଅର୍ଥାତ୍ ୧କି.ମି. ଦୂରତ୍ୱ ମଧ୍ୟରେ ଆଉ କୌଣସି କୁକୁଡ଼ା ଫାର୍ମ ନଥିବା ଉଚିତ୍ ।

## କୁକୁଡ଼ା ଘର ତିଆରି ପାଇଁ ଆବଶ୍ୟକତା

**ବାୟୁ ଚଳାଚଳ :** ଗୃହ ମଧ୍ୟରେ ବାୟୁ ଚଳାଚଳ କୁକୁଡ଼ାଙ୍କ ପାଇଁ ସର୍ବୋତ୍ତମ ଆବଶ୍ୟକତା । ବାୟୁ ଚଳନ ହେତୁ ଗୃହ ମଧ୍ୟରୁ ଦୂଷିତ ବାୟୁ ନିଷ୍କାସିତ ହେବା ସଙ୍ଗେ ସଙ୍ଗେ ନିର୍ମଳ ବାୟୁ ପ୍ରବେଶ

କରିଥାଏ ଯାହା କି ଗୃହ ମଧ୍ୟରେ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବାରେ ସହାୟକ ହୁଏ ।

କୁକୁଡ଼ା ଘର ଗୁଡ଼ିକ ପୂର୍ବ ଓ ପଶ୍ଚିମ ମୁହାଁ ହୋଇ ନିର୍ମିତ ହେବା ଆବଶ୍ୟକ । ସକାଳୁଆ ଖରା କୁକୁଡ଼ାମାନଙ୍କ ପାଇଁ ହିତକର ହୋଇଥିବା ଦୃଷ୍ଟିରୁ ଏପରି ଘରେ ସକାଳୁଆ ଖରା ପଡ଼ିଥାଏ ଓ ଉତ୍ତମ ବାୟୁ ଚଳାଚଳ ହୋଇଥାଏ।

**କୁକୁଡ଼ା ଗୃହ ନିର୍ମାଣ :** ମାଂସ ପାଇଁ କୁକୁଡ଼ା ପାଳନ ଏକ ବ୍ୟବସାୟିକ ଭିତ୍ତିରେ କରାଯାଉଥିବାରୁ ସେହି ଅଞ୍ଚଳରେ ମିଳୁଥିବା ସାମଗ୍ରୀ ଓ ଶସ୍ତା ଉପକରଣରେ କୁକୁଡ଼ା ଗୃହ ନିର୍ମାଣ କରାଯିବା ଆବଶ୍ୟକ ।

**ମୂଳଦୁଆ :** କୁକୁଡ଼ା ଘରର ମୂଳଦୁଆ ଦୃଢ଼ ଓ ଭୂମି ପତନଠାରୁ ଉଚ୍ଚ ହେବା ଉଚିତ୍ । ମୂଳଦୁଆ ଉଚ୍ଚ ହେଲେ ବାହାରର ପାଣି ଗୃହ ମଧ୍ୟକୁ ପଶିପାରେ ନାହିଁ କିମ୍ବା ଘର ସନ୍ତସନ୍ତିଆ ହୁଏ ନାହିଁ ଏବଂ ମୂଷା ମଧ୍ୟ ପଶି ପାରନ୍ତି ନାହିଁ ।

**ଚଟାଣ :** ଘରର ଚଟାଣ ଶୁଖିଲା ଓ ସୁବିଧାରେ ସଫା ହୋଇ ପାରୁଥିବା ଭଳି ହେବା ଆବଶ୍ୟକ । ସିମେଣ୍ଟ ଚଟାଣ ସର୍ବୋତ୍କୃଷ୍ଟ । ଏହା ମଧ୍ୟକୁ ଯେପରି ମୂଷା ପଶି ନ ପାରନ୍ତି, ସେଥିପାଇଁ ଚଟାଣ କରିବା ସମୟରେ ବାଲି ସହିତ କିଛି ଭଙ୍ଗା କାଚ ମିଶାଇ ପଲସ୍ତରା କଲେ ଭଲ ।

**କାନ୍ଥ :** ଇଟା କିମ୍ବା ପଥର ନିର୍ମିତ କାନ୍ଥ କୁକୁଡ଼ା ଘର ପାଇଁ ସର୍ବୋତ୍କୃଷ୍ଟ । କାନ୍ଥ ସାଧାରଣତଃ ଦଶ ଇଞ୍ଚ ଚଉଡ଼ା ହୋଇଥାଏ । ଘର କାନ୍ଥର ନମ୍ନ ଭାଗ ଅନ୍ତତଃ ଭୂମି ଉପରୁ ଦେଢ଼ଫୁଟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବା ଦରକାର । ଦେଢ଼ଫୁଟ ଉପରେ ତାରଜାଲି ଦିଆଯାଇପାରେ । ଏହାଦ୍ୱାରା ଗୃହ ମଧ୍ୟରେ ବାୟୁ ଚଳନର ସୁବିଧା ହୁଏ । ଗୃହ ମଧ୍ୟରେ ବିଭକ୍ତୀକରଣ ପାଇଁ ତିଆରି କାନ୍ଥଗୁଡ଼ିକ ମଧ୍ୟ ଏହିପରି ତାରଜାଲି ଦ୍ୱାରା ସଂଯୁକ୍ତ ହେବା ଦରକାର । ମଧ୍ୟ ଭାଗରେ ଘରର ଉଚ୍ଚତା ୧୨-୧୪ ଫୁଟ ମଧ୍ୟରେ ହେବା ଆବଶ୍ୟକ ।

**ଛାତ :** କୁକୁଡ଼ା ଘରର ଛାତ ପାଇଁ ଆଜବେଷ୍ଟସ୍ ବ୍ୟବହାର କରିବା ସର୍ବୋତ୍କୃଷ୍ଟ । ଅନେକ ସମୟରେ ଏହା ଅଧିକ ବ୍ୟୟସାପେକ୍ଷ ହୋଇଥାଏ । କମ୍ ଖର୍ଚ୍ଚରେ ଛାତ ନିର୍ମାଣ ପାଇଁ ନଡ଼ା ଛପର ଛାତ ମଧ୍ୟ ବ୍ୟବହାର କରାଯାଇପାରେ । କିନ୍ତୁ ଏପରି ଛାତରେ ବାର୍ଷିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ ହୋଇଥାଏ । ଖରାଦିନେ ଆଜବେଷ୍ଟସ୍ ଛାତ ଉପରେ ନଡ଼ା କିମ୍ବା ପତ୍ରରେ ଛପର କରିଦେଲେ ଗରମରୁ ରକ୍ଷା ମିଳିଥାଏ ।

**କୁକୁଡ଼ା ବାସସ୍ଥାନ :** କୁକୁଡ଼ାମାନଙ୍କ ପାଇଁ ବାସସ୍ଥାନ ସାଧାରଣତଃ ନିମ୍ନଲିଖିତ ଭାବେ ଚାରି ପ୍ରକାରରେ ନିର୍ମାର କରାଯାଇପାରେ ।

୧) ମୁକ୍ତ ଅଗଣା ପ୍ରଣାଳୀ

୨) ଅର୍ଦ୍ଧ ସଘନ ପ୍ରଣାଳୀ

୩) ଉଠା ଘର

୪) ସଘନ ପ୍ରଣାଳୀ

ଆମ୍ଭେ ଏଠାରେ ବହୁଳ ଭାବେ ବ୍ୟବହୃତ ହେଉଥିବା ସଘନ ପ୍ରଣାଳୀରେ ମାଂସ ପାଇଁ କୁକୁଡ଼ା ଚାଷ ବିଷୟରେ ଆଲୋଚନା କରିବା ।

**ସଘନ ପ୍ରଣାଳୀ ସାଧାରଣତଃ ଦୁଇ ପ୍ରକାରର**

୧) ଡ଼ିପ୍ ଲିଟର ପ୍ରଣାଳୀ

୨) ପିଞ୍ଜରା ପ୍ରଣାଳୀ

## ଡ଼ିପ୍‌ଲିଟର ପ୍ରଣାଳୀ

ଏହି ପଦ୍ଧତିରେ କୁକୁଡ଼ାମାନେ ଏକ ଆବଦ୍ଧ ଘର ମଧ୍ୟରେ ରହନ୍ତି । ଏହି ଗୃହର ଚଟାଣରେ କରତଗୁଣ୍ଡ, ନଡ଼ାଖଣ୍ଡ, ଚିନାବାଦାମ ଚୋପା, ଅଗାଡ଼ି କିମ୍ବା ଶୁଖିଲା ପତ୍ର ୨-୩ ଇଞ୍ଚ ପର୍ଯ୍ୟନ୍ତ ବିଛାଇ ଦିଆଯାଏ । ଏହାକୁ ଲିଟର କହନ୍ତି ଓ ଏହା ଉପରେ କୁକୁଡ଼ାମାନେ ମଳତ୍ୟାଗ କରିଥାଆନ୍ତି । ସପ୍ତାହରେ ଥରେ ଦୁଇଥର ଏହି ଲିଟରକୁ କଣ୍ଟା ଫାଉଡ଼ା ସାହାଯ୍ୟରେ ତଳ ଉପର ଘାଣ୍ଟି ଦିଆଯାଏ । ଏହି ଲିଟର ସାଧାରଣତଃ ଛଅ ମାସରୁ ଏକବର୍ଷ ପର୍ଯ୍ୟନ୍ତ ରହିଲା ପରେ ତାହାକୁ ଘର ମଧ୍ୟରୁ କାଢ଼ିଦେଇ ଏହା ସ୍ଥାନରେ ନୂଆ ଲିଟର ପକାଇ ଦିଆଯାଏ । ଏହି ଲିଟର କାଢ଼ିଦେବା ପରେ ଏହା କମ୍ପୋଷ୍ଟ ଭାବେ ଶସ୍ୟ କ୍ଷେତ୍ରରେ ପ୍ରୟୋଗ କରାଯାଇପାରେ ।

**ବ୍ରଏଲରଙ୍କ ପାଇଁ ଘର :** ଗୋଟିଏ ଚିଆଁ ପାଇଁ ୦.୫୦ ବର୍ଗଫୁଟ ରହିବା ସ୍ଥାନ ଓ ଗୋଟିଏ କୁକୁଡ଼ା ପାଇଁ ୧ ବର୍ଗଫୁଟ ରହିବା ସ୍ଥାନ ଦରକାର ହୋଇଥାଏ । ଗୋଟିଏ ଚିଆଁ ପାଇଁ ଏକ ଇଞ୍ଚ ଖାଇବା ସ୍ଥାନ ଓ ୧ ଇଞ୍ଚ ପାଣି ପିଇବା ସ୍ଥାନ ଦରକାର । ସେହିପରି ଗୋଟିଏ ବଡ଼ ବ୍ରଏଲର କୁକୁଡ଼ା ପାଇଁ ୧ ବର୍ଗଫୁଟ ରହିବା ସ୍ଥାନ ଓ ୨ ଇଞ୍ଚ ପାଣି ପିଇବା ସ୍ଥାନ ଦରକାର ।

**ଘରର ସଫାସୁତୁରା :**

୧) କୁକୁଡ଼ାମାନଙ୍କୁ ବିକ୍ରି କରିସାରିବା ପରେ ପରେ ଘରକୁ ୨ ରୁ ୪% ଫରମାଲିନ୍ ଔଷଧ ସ୍ପ୍ରେ କରିବାକୁ ହେବ । ଯଦି ଲିଟର ବଦଳାଇବାକୁ ପଡ଼େ, ତେବେ ପୁରୁଣା ଲିଟରକୁ ଦୂରରେ ପକାଇବା ଦରକାର ।

୨) ପୂରା ଘରକୁ ଭଲଭାବରେ ଝାଡ଼ି ପରିଷ୍କାର କରିବା ଦରକାର ।

୩) ଘରର ଚଟାଣ ପକ୍କା ହୋଇଥିଲେ ଖାରସୋଡ଼ା ପାଣିରେ ଧୋଇଦେବା ଦରକାର ଓ କାନ୍ଥରେ ଚୂନ ଲଗାଇ ଭଲ ଭାବରେ ଧୁଲେଇ କରିବା ଦରକାର ।

୪) ଘରର ଭିତରେ ଓ ବାହାରେ, ଉଭୟ ପାର୍ଶ୍ୱରେ ୦.୨% ଫରମାଲିନ୍ ସ୍ପ୍ରେ କରିବା ଦରକାର ।

୫) ପାଣିପାତ୍ର ଓ ଖାଦ୍ୟପାତ୍ରକୁ ପରିଷ୍କାର ପାଣିରେ ଧୋଇବା ଦରକାର ଓ ଫରମାଲିନ୍ ସ୍ପ୍ରେ କଲାପରେ ଭଲଭାବରେ ଖରାରେ ଶୁଖାଇବା ଦରକାର ।

୬) ଘରକୁ ୨/୩ ସପ୍ତାହ ପାଇଁ ଖାଲି ରଖିବା ଦରକାର ।

୭) କୁକୁଡ଼ା ଘରକୁ ପଶିବା ପୂର୍ବରୁ ଗୋଟିଏ ଟ୍ରେରେ ହେଉ ବା ଗୋଡ଼ ଧୁଆ ସ୍ଥାନରେ ବିଶୋଧକ

ପାଣି ରଖିବା ଦରକାର । ଫିନାଇଲ, ଲାଇସଲ, ଡ଼େଟଲ୍ କିମ୍ବା ସାଭଲନ୍ ପାଣିକୁ ବିଶୋଧନ ପାଣି ରୂପେ ବ୍ୟବହାର କରାଯାଇପାରେ ।

୮) କୁକୁଡ଼ା ଘରକୁ ପଶିବା ପୂର୍ବରୁ କର୍ମଚାରୀମାନେ ବିଶୋଧକ ପାଣିରେ ଗୋଡ଼ ବୁଡ଼ାଇ କୁକୁଡ଼ା ଘର ଭିତରକୁ ପଶିବା ଦରକାର ।

୯) ବାହାର ଲୋକଙ୍କୁ କୁକୁଡ଼ା ଘରକୁ ପଶିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ ।

୧୦) ପ୍ରତିଦିନ ସକାଳୁ କୁକୁଡ଼ାଙ୍କ ପାଇଁ ପାଣି ବଦଳାଇବା ଦରକାର ଏବଂ ପାଣି ପାତ୍ରକୁ ଭଲଭାବେ ସଫା କରିବା ଦରକାର । କୁକୁଡ଼ାଙ୍କୁ ପରିଷ୍କାର ଓ ଥଣ୍ଡାଜଳ ପିଇବାକୁ ଦେବା ଦରକାର ।

## କୁକୁଡ଼ା ଚିଆଁ ପାଇବା କେଉଁଠୁ ?

କୌଣସି ନାମଜାଦା ହ୍ୟାଚେରୀ ସହିତ ପୂର୍ବରୁ ଯୋଗାଯୋଗ କରି ଅଗ୍ରୀମ ଜମାକଲେ ନିର୍ଦ୍ଦିଷ୍ଟ ଦିନରେ ଚିଆଁ ମିଳିପାରିବ । ଚିଆଁ ହ୍ୟାଚେରୀରୁ ଆଣିବା ପୂର୍ବରୁ ଚିଆଁ ବାକ୍ସ ଖୋଲି ଚିଆଁ ଗୁଡ଼ିକର ଚଳ ଚଞ୍ଚଳତା ଲକ୍ଷ୍ୟକଲେ ସୁସ୍ଥ ଚିଆଁ ଗୁଡ଼ିକ ସହଜରେ ଜାଣିହେବ ।

## କୁକୁଡ଼ା ଚିଆଁ ଆସିବା ପରେ ଯତ୍ନ :

୧) କୁକୁଡ଼ା ଚିଆଁ ଆସିବାର ଦୁଇଦିନ ପୂର୍ବରୁ କୁକୁଡ଼ା ଘରର ବ୍ରୁଡ଼ର, ପାଣିପାତ୍ର ଓ ଦାନାପାତ୍ରକୁ ଭଲଭାବରେ ପରିଷ୍କାର କରି ସେଗୁଡ଼ିକ ଠିକ୍ କାମ କରୁଛି ନା ନାହିଁ ପରୀକ୍ଷା କରିନେବା ଦରକାର ।

୨) ଚିଆଁମାନେ ଫାର୍ମରେ ପହଞ୍ଚିବାକ୍ଷଣି ସେମାନଙ୍କର ଓଜନ ନେବା ଦରକାର ।

୩) ବ୍ରୁଡ଼ର ଘରେ ଥିବା ପାଣିପାତ୍ରରେ ପରିଷ୍କାର ଓ ଥଣ୍ଡା ପାଣି ରଖିବା ଦରକାର । ସେଥିରେ ଭିଟାମିନ୍-ଏ, ଗ୍ଲୁକୋଜ୍ ଓ ଆଣ୍ଟିବାୟୋଟିକ୍ ପାଉଡ଼ର ଡ଼ାକ୍ତର ପରାମର୍ଶ ଅନୁସାରେ ଏବଂ ମାତ୍ରା ଅନୁସାରେ ମିଶାଇବା ଦରକାର ।

୪) ଦାନାପାତ୍ରରେ ଚିଆଁ ଦାନା ବ୍ରୁଡ଼ର ଘରେ ରଖିବା ଦରକାର ।

୫) ଦିନିକିଆ କୁକୁଡ଼ା ଚିଆଁଙ୍କୁ ଖବରକାଗଜ ବିଛାଇ ବ୍ରୁଡ଼ର ତଳେ ରଖିବା ଦରକାର । ଚତୁର୍ଥ ଦିନ ଖବରକାଗଜ ବାହାର କରି କରତଗୁଣ୍ଡ କିମ୍ବା କୁଣ୍ଡାକୁ ଲିଟର ରୂପେ ବ୍ୟବହାର କରାଯିବା ଦରକାର ।

୬) ବ୍ରୁଡ଼ର ତଳେ ସବୁଆଡ଼େ ଯେପରି ଠିକ୍‌ଭାବେ ଉତ୍ତାପ ରହେ, ନଜର ଦେବା ଦରକାର । ଅଧିକ ଉତ୍ତାପ ହେଲେ ଚିଆଁମାନେ ଆଲୁଅଠାରୁ ଦୂରେଇଯିବେ ଓ କମ୍ ଉତ୍ତାପ ହେଲେ ଚିଆଁମାନେ ଆଲୁଅ ପାଖରେ ରୁଣ୍ଡ ହେବେ ଓ ଚଢ଼ାଚଢ଼ି ହୋଇ ଅନେକ ମରିବାର ସମ୍ଭାବନା ଅଛି ।

୭) ପ୍ରତି ସପ୍ତାହରେ ୫° ଫାରେନାହିଟ୍ ଲେଖାଏଁ ଉତ୍ତାପ ବ୍ରୁଡ଼ର ଘରେ କମାଇବା ଦରକାର ।

୮) ପ୍ରତି ଚିଆଁ ୧୦ ବର୍ଗ ଇଞ୍ଚ ହୋଭର ସ୍ଥାନ ଦେବା ଆବଶ୍ୟକ ।

୯) ୧୮ ରୁ ୨୪ ଇଞ୍ଚ ଉଚ୍ଚତାର ଏକ ଚିଆଁ ଘେର ହୋଭର ଧାରଠାରୁ ୨୫ ରୁ ୩୦ ଇଞ୍ଚ ଦୂରରେ ଦିଆଯିବା ଦରକାର । ଏହାଦ୍ୱାରା ଚିଆଁମାନେ ଖାଦ୍ୟ, ପାଣି ଓ ଉତ୍ତାପଠାରୁ ଦୂରକୁ ଚାଲିଯାଇ ପାରିବେ ନାହିଁ । ଦିନ ବଢ଼ିବା ସଙ୍ଗେ ସଙ୍ଗେ ଚିଆଁଘେରକୁ ବଢ଼ାଇବାକୁ ପଡ଼ିବ ।

୧୦) ୧୦-୧୨ ଦିନ ପରେ ଚିଆଁ ଘେରକୁ ସମ୍ପୂର୍ଣ୍ଣ ରୂପେ କାଢ଼ିଦେବା ଦରକାର ।

**ବ୍ରୁଡ଼ର ଉତ୍ତାପ**

| ଉତ୍ତାପ (⁰F) | କୁକୁଡ଼ାଙ୍କ ବୟସ |
|---|---|
| ୯୫ | ୭ ଦିନ |
| ୯୦ | ୮-୧୪ ଦିନ |
| ୮୫ | ୧୫-୨୧ ଦିନ |
| ୮୦ | ୨୨-୨୮ ଦିନ |
| ୭୫ | ୨୯-୩୫ ଦିନ |
| ୭୦ | ୩୫-ବିକ୍ରି ପର୍ଯ୍ୟନ୍ତ |

୧୧) ବ୍ରୁଡ଼ର ମଧ୍ୟରେ ଚିଆଁମାନେ ଖାଇବା ପାଇଁ ପାଣିପାତ୍ର ଏପରି ସଜାଇ ରଖିବାକୁ ହେବ ଯେ, ସବୁ ଚିଆଁ ଉତ୍ତାପ ଓ ଆଲୋକ ପାଇବା ସଙ୍ଗେ ସଙ୍ଗେ ସୁବିଧାରେ ଦାନା ଖାଇ ପାରିବେ ଏବଂ ପାଣି ପିଇ ପାରିବେ । ଦାନା ଡ଼ଙ୍ଗୀମାନ ଅଧା ହୋଭର ମଧ୍ୟରେ ଓ ଅଧା ହୋଭର ବାହାରେ ରହିବା ଦରକାର । ଦୁଇ ଦାନା ଡ଼ଙ୍ଗୀର ମଝିରେ ପାଣିପାତ୍ର ରହିବା ଦରକାର ।

**ବ୍ରଏଲର କୁକୁଡ଼ାଙ୍କ ଖାଦ୍ୟ :**

ବ୍ରଏଲର ଜାତୀୟ କୁକୁଡ଼ାମାନଙ୍କୁ ୨ ପ୍ରକାରର ଖାଦ୍ୟ ଦିଆଯାଇଥାଏ । ପ୍ରଥମେ ଦିନିକିଆ ଛୁଆଙ୍କ ଠାରୁ ଆରମ୍ଭ କରି ୪ ସପ୍ତାହର ଛୁଆଙ୍କୁ ଯେଉଁ ଖାଦ୍ୟ ଦିଆଯାଏ, ତାକୁ Starter (ଷ୍ଟାର୍ଟର) ଖାଦ୍ୟ କୁହାଯାଏ ଓ ୫ ରୁ ୬ ସପ୍ତାହରେ ଯେଉଁ ଦାନା ଦିଆଯାଏ, ତାକୁ Finisher (ଫିନିସର) କୁହାଯାଏ ।

ଦାନାପାତ୍ରକୁ ସମ୍ପୂର୍ଣ୍ଣ ଭର୍ତ୍ତି କରି କୁକୁଡ଼ା ମାନଙ୍କୁ ଖାଇବାକୁ ଦେବା ଅନୁଚିତ ।

କାରଣ :-

୧. ଦାନାପାତ୍ର ସମ୍ପୂର୍ଣ୍ଣ ଭର୍ତ୍ତିଥିଲେ, ଶତକଡ଼ା ୩୦ ପ୍ରତିଶତ ଦାନା ନଷ୍ଟ ହୁଏ ।
୨. ଦାନାପାତ୍ର ଦୁଇ ତୃତୀୟାଂଶ (୨/୩) ପୂର୍ଣ୍ଣଥିଲେ, ଶତକଡ଼ା ୧୦ ପ୍ରତିଶତ ଦାନା ନଷ୍ଟ ହୁଏ ।
୩. ଦାନାପାତ୍ର ଅଧା ପୂର୍ଣ୍ଣଥିଲେ, ଶତକଡ଼ା ୩ ପ୍ରତିଶତ ଦାନା ନଷ୍ଟ ହୁଏ ।
୪. ଦାନାପାତ୍ର ଏକ ତୃତୀୟାଂଶ (୧/୩) ପୂର୍ଣ୍ଣଥିଲେ, ଶତକଡ଼ା ୧ ପ୍ରତିଶତ ଦାନା ନଷ୍ଟ ହୁଏ ।

ଏଣୁ ପ୍ରତି ଦୁଇ ତିନି ଘଣ୍ଟାରେ ଦାନା ପାତ୍ରରେ ଦାନା ଦିନବେଳେ ହିସାବ ଅନୁସାରେ ଏକ ତୃତୀୟାଂଶ ପୂର୍ଣ୍ଣ କରି କୁକୁଡ଼ାମାନଙ୍କୁ ଦେଲେ ଭଲ ମାଂସ ଉତ୍ପାଦନ ହୋଇଥାଏ ।

ବ୍ରଏଲର କୁକୁଡ଼ା ଚିଆଁକୁ ପ୍ରଥମ ଦୁଇ ସପ୍ତାହ ପର୍ଯ୍ୟନ୍ତ ଚିଆଁ ପ୍ରତି ୨୫୦ ଗ୍ରାମ୍‌ରୁ ୫୦୦ ଗ୍ରାମ୍ ପର୍ଯ୍ୟନ୍ତ ପ୍ରିଷ୍ଟାର୍ଟର ଦାନାଦେଲେ କୁକୁଡ଼ା ଚିଆଁ ଗୁଡ଼ିକ ପରବର୍ତ୍ତୀ ସମୟରେ ଭଲ ଭାବରେ ଖାଦ୍ୟକୁ ମାଂସରେ ରୂପାନ୍ତରିତ କରିପାରନ୍ତି ।

**ବ୍ରଏଲର୍ କୁକୁଡ଼ାଙ୍କୁ ପାଣିର ପରିମାଣ :** ଥଣ୍ଡା ଓ ପରିଷ୍କାର ପାଣି କୁକୁଡ଼ା ଚିଆଁମାନେ ଯେତେ ପିଇ ପାରିବେ, ସେତେ ଦେବା ଭଲ । ମୋଟାମୋଟି ଭାବେ ଶହେ

କୁକୁଡ଼ା ଚିଆଁ ଦିନକୁ ସେମାନଙ୍କ ବୟସର ସପ୍ତାହର ଦୁଇଗୁଣ ଲିଟର ପାଣି ପିଇବା ଦରକାର । ଉଦାହରଣ ସ୍ୱରୂପ ଯଦି ଗୋଟିଏ ୧୦୦ ଟିକିଆ ବ୍ରଏଲର କୁକୁଡ଼ା ୫ ସପ୍ତାହରେ ପହଞ୍ଚିଥାନ୍ତି, ତେବେ ଦୈନିକ ୧୦୦ କୁକୁଡ଼ା ପାଇଁ ୧୦ ଲିଟର ପାଣି ଦେବା ଦରକାର । ପାଣିପାତ୍ର ଖାଲି ରଖିବା ଉଚିତ ନୁହେଁ । କୁକୁଡ଼ା ଦାନା ଖାଇ ପାଣି ପିଇବା ସମୟରେ ପାଣି ଲିଟର ଉପରେ ଢ଼ାଳି ଦେବାର ସମ୍ଭାବନା ଥାଏ । ତେଣୁ ଯଦି ପାଣି ଲିଟର ଉପରେ ପଡ଼ିଯାଏ ବେଶି ଆକାରରେ, ତେବେ ସଙ୍ଗେ ସଙ୍ଗେ ସେହି ଜାଗାରୁ ଓଦା ଲିଟରକୁ ବାହାରେ ଖେଳାଇ ଦେଇ ଶୁଖାଇବା ପରେ ପୁଣି ବ୍ୟବହାର କରିବା ନିହାତି ଦରକାର ।

**ପ୍ରତିଷେଧକ ଟୀକା :** କୁକୁଡ଼ା ଚିଆଁ ଗୁଡ଼ିକୁ ରାଣୀକ୍ଷେତ ରୋଗ, କୁକୁଡ଼ା ବସନ୍ତ ଓ ଗୁମ୍ବୋରୋ ରୋଗର ଟୀକା ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ ଠିକ୍ ସମୟରେ ଦିଆଯିବା ନିହାତି ଦରକାର ।

**ଅଣ୍ଟ ଛେଦନ :** ଅଳ୍ପ ସ୍ଥାନରେ ବହୁତ ଚିଆଁ ରଖିଲେ, ବ୍ରୁଡ଼ର ଉତ୍ତାପ ଅତ୍ୟଧିକ ହେଲେ, କୁକୁଡ଼ା ଘରକୁ ଠିକ୍ ପବନ ଚଳାଚଳ ନ ହେଲେ, ଅଳ୍ପ ସଂଖ୍ୟାରେ ଖାଦ୍ୟ ପାତ୍ର ଓ ପାଣି ପାତ୍ରର ବ୍ୟବସ୍ଥା ଥିଲେ କିମ୍ବା ପୁଷ୍ଟିସାର ଖାଦ୍ୟର ଅଭାବ ଅନୁଭୂତ ହେଲେ କୁକୁଡ଼ାମାନେ ପରସ୍ପରକୁ ଥଣ୍ଟରେ ଖୁମ୍ପି ଖଣ୍ଡିଆ ଖାବରା କରି ଦେଇଥାଆନ୍ତି । ଏପରିକି କେତେକ କୁକୁଡ଼ା ମଧ୍ୟ ମରିଯାଆନ୍ତି । ତେଣୁ ଫାର୍ମରେ ଏପରି ଅବସ୍ଥା ଦେଖାଦେଲେ ୧୦ ରୁ ୧୪ ଦିନ ବୟସରେ ଚିଆଁମାନଙ୍କର ଥଣ୍ଟ ଛେଦନ କରିବା ନିହାତି ଦରକାର । ଦିନିକିଆ ଛୁଆ ମାନଙ୍କର ମଧ୍ୟ ଥଣ୍ଟ ଛେଦନ କରାଯାଇପାରେ । ଏହି କାର୍ଯ୍ୟ କୁଶଳୀ ଅଭିଜ୍ଞ କର୍ମଚାରୀଙ୍କ ଦ୍ୱାରା କରିବା ଦରକାର ।

**ମନେ ରଖନ୍ତୁ :**

୧) କୁକୁଡ଼ା ଚିଆଁ ଭଲ ହ୍ୟାଚେରୀରୁ କିଣନ୍ତୁ ।

୨) କୁକୁଡ଼ା ଘରକୁ ପରିଷ୍କାର ଓ ପରିଚ୍ଛନ୍ନ ରଖନ୍ତୁ ।

୩) ବାହାର ଲୋକଙ୍କୁ କୁକୁଡ଼ା ଘରେ ପ୍ରବେଶ କରିବା ପାଇଁ ଆଦୌ ଅନୁମତି ଦିଅନ୍ତୁ ନାହିଁ ।

୪) ମାରେକ୍ସ ରୋଗ, ରାଣୀକ୍ଷେତ ରୋଗ, କକ୍ସିଡ଼ିଓସିସ୍ ରୋଗ ଭଳି ମାରାତ୍ମକ ରୋଗ ଯେପରି ଫାର୍ମରେ ନହୁଏ, ସେଥିପ୍ରତି ସତର୍କ ରୁହନ୍ତୁ ।

୫) କୁକୁଡ଼ା ମାନଙ୍କୁ ସର୍ବଦା ନିର୍ମଳ ଓ ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ ।

୬) ଅଭିଜ୍ଞ ପଶୁ ଡ଼ାକ୍ତରଙ୍କ ସହିତ ସର୍ବଦା ଯୋଗାଯୋଗ ରଖିବା ନିହାତି ଦରକାର । ନଚେତ୍ ଅଳ୍ପ ବିଦ୍ୟା ଭୟଙ୍କରୀ ଭଳି କୁକୁଡ଼ା ଫାର୍ମ କ୍ଷତିରେ ବୁଡ଼ିଯିବ ।

୭) କୁକୁଡ଼ାମାନଙ୍କୁ ୬ ସପ୍ତାହ ବେଳକୁ ବିକ୍ରି କରି ଦିଅନ୍ତୁ । କାରଣ ଏହାପରେ କୁକୁଡ଼ାମାନେ ଯେତିକି ଖାଇବେ, ତାହା ଆଉ ଅଧିକ ମାଂସରେ ଆନୁପାତିକ ରୂପାନ୍ତରିତ କରିପାରିବେ ନାହିଁ ।

## କୁକୁଡ଼ାମାନଙ୍କର ସାଧାରଣ ରୋଗ ଓ ତା'ର ପ୍ରତିକାର

ରୋଗ ଚିକିତ୍ସା ଅପେକ୍ଷା ରୋଗ ପ୍ରତିଷେଧ ଶ୍ରେୟସ୍କର । କୁକୁଡ଼ା ପାଳକମାନେ ଏଥିପାଇଁ ସଚେତନ ଥିଲେ ରୋଗ ଚିକିତ୍ସାରେ ଅଧିକ ଖର୍ଚ୍ଚରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ କୁକୁଡ଼ା ମାନଙ୍କୁ କେତେକ ରୋଗ ମୁକ୍ତ କରିବାରେ ସଫଳ ହୁଅନ୍ତି ।

କୁକୁଡ଼ାମାନଙ୍କର ଏପରି କେତେକ ରୋଗ ଅଛି, ଯଥା- ରାଣୀକ୍ଷେତ ରୋଗ, କୁକୁଡ଼ା ବସନ୍ତ, ମାରେକ୍ସ ରୋଗ, ଗୁମ୍ବୋରୋ ରୋଗ ଇତ୍ୟାଦି, ଯେଉଁ ରୋଗମାନଙ୍କ ପାଇଁ କୌଣସି ପ୍ରକାରର ଚିକିତ୍ସା ବା ଔଷଧ ବାହାରିନାହିଁ । କେବଳ ଟୀକା ଦେଇ ସେହି ରୋଗ ନହେବା ପାଇଁ କୁକୁଡ଼ାଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ବଢ଼ାଯାଏ । କିନ୍ତୁ କେତେକ ଟୀକା ସାରା ଜୀବନ ରୋଗ ପ୍ରତିରୋଧ ଶକ୍ତି ଯୋଗାଇ ନଥା'ନ୍ତି । ତେଣୁ ଟୀକାର ପୁନରାବୃତ୍ତି କରିବାକୁ ପଡ଼ିଥାଏ ।

**ଟୀକା ଦେବା ବ୍ୟବସ୍ଥାରେ ନିମ୍ନଲିଖିତ ବିଷୟ ପ୍ରତି ଯତ୍ନବାନ୍ ହେବା ଦରକାର ।**

୧). ଟୀକା ଦେବାର ଜ୍ଞାନ କୌଶଳ ଜାଣିଥିବା ଲୋକ ଟୀକା ଦେବା ଦରକାର ।

୨) ସୁସ୍ଥ ସବଳ କୁକୁଡ଼ାଙ୍କୁ ଟୀକା ଦେବା ଦରକାର । କୁକୁଡ଼ାମାନେ କୌଣସି ରୋଗରେ ଆକ୍ରାନ୍ତ ହୋଇଥିବା ସମୟରେ ଟୀକା ଦିଆଯାଏ ନାହିଁ ।

୩) ଏକ ସମୟରେ ଦୁଇ ପ୍ରକାରର ଟୀକା ଦିଆଯାଏ ନାହିଁ । ଦୁଇଟି ଟୀକା ମଧ୍ୟରେ କିଛିଦିନ ବ୍ୟବଧାନ (ଏକ ସପ୍ତାହ) ରହିବା ଦରକାର ।

୪) କୁକୁଡ଼ାମାନଙ୍କୁ ଟୀକା ଦେଲେ କେତେକ କୁକୁଡ଼ାଙ୍କର ପ୍ରତିକ୍ରିୟା ଜାତ ହୁଏ । ଏହାଦ୍ୱାରା କୁକୁଡ଼ା ମାନଙ୍କ ଉପରେ ପ୍ରତିବଳ ପଡ଼େ । ତେଣୁ କୁକୁଡ଼ାମାନଙ୍କୁ ଟୀକା ଦେବାର ତିନିଦିନ ପୂର୍ବରୁ କିମ୍ବା ଛଅଦିନ ପରେ ଯେ କୌଣସି ପ୍ରକାରର ଆଣ୍ଟିବାୟୋଟିକ୍ ଓ ଭିଟାମିନ୍ ମିଶ୍ରଣ ଦେବା ଉଚିତ୍ ।

୫) ଖରାଦିନେ ରାତିରେ ବା ସକାଳୁ ଟୀକା ଦିଆଯାଏ । ତାପମାତ୍ରା ଅଧିକ ଥିବା ସମୟରେ ଟୀକା ଦିଆଯାଏ ନାହିଁ ।

୬) ସମସ୍ତ ପ୍ରକାରର ଟୀକା ରେଫ୍ରେଜିରେଟରରେ ରଖିବା ଦରକାର ।

୭) ଉପଯୁକ୍ତ ମାତ୍ରାର ଦ୍ରବଣ ଟୀକା ପ୍ରସ୍ତୁତି ପାଇଁ ବ୍ୟବହାର କରିବା ଦରକାର ।


୮) ଟୀକା ଦେବା ପୂର୍ବରୁ ଟୀକା ଦେବା ଯନ୍ତ୍ରପାତି ଠିକ୍ ଅଛି ନା ନାହିଁ ଓ ବିଶୋଧିତ ହୋଇଛି କି ନାହିଁ ଜାଣିବା ଦରକାର ।

୯) ଟୀକା ଦେବା ପୂର୍ବରୁ ଟୀକାର ତିଆରି ତାରିଖ, ବ୍ୟାଚ୍ ନମ୍ବର ଇତ୍ୟାଦିକୁ ଟିପି ରଖି ଟୀକା ଦେବା ଦରକାର ।

୧୦) ଖାଲି ଟୀକା ବୋତଲଏ ବ୍ୟବହୃତ ଅନୁପଯୁକ୍ତ ଟୀକା, ବଳି ପଡ଼ିଥିବା ପ୍ରସ୍ତୁତ ଟୀକାକୁ ନଷ୍ଟ କରଦେବା ଉଚିତ୍ ଓ ଟୀକା ଦିଆ ସରିଗଲେ ଟୀକାଦିଆ ଉପକରଣକୁ ସଫା କରି ରଖିବା ଦରକାର ।

## ଟୀକା କୁକୁଡ଼ାମାନଙ୍କୁ କେଉଁ ବୟସରେ କିପରି ଦିଆଯାଏ ?

| କ୍ର.ନଂ. | ରୋଗର ନାମ | ଟୀକାର ନାମ | କୁକୁଡ଼ାର ବୟସ | କେଉଁଠାରେ ଟୀକା ଦିଆଯାଏ ଓ ମାତ୍ରା |
|---|---|---|---|---|
| ୧ | ମାରେକ୍ସ | ମାରେକ୍ସ | ଏକଦିନ | ୦.୨ ମି.ଲି. ବେକ ଚମ ତଳେ କିମ୍ବା ଗୋଡ଼ମାଂସ ପେଶୀ ତଳେ । |
| ୨ | ରାଣୀକ୍ଷେତ | ରାଣୀକ୍ଷେତ<br>କ) ଏଫ୍-୧-ଅନୁଜାତି ଟୀକା | ୪-୭ ଦିନ | ଆଖିରେ କିମ୍ବା ନାକ ନାକପୁଡ଼ାରେ ଟୋପାଏ ପକାଯାଏ । |
| | | ଖ) ଏଫ୍-୧-ଅନୁଜାତି ଟୀକା | ୪ରୁ୫ ସପ୍ତାହ ବୟସରେ | ଆଖିରେ କିମ୍ବା ନାକ ନାକପୁଡ଼ାରେ ଟୋପାଏ ପକାଯାଏ । |
| | | ଗ) ରାଣୀକ୍ଷେତ ଆର୍-ଟୁ-ବି | ୮-୯ ସପ୍ତାହ ବୟସ | ୦.୫ମି.ଲି. ଚମତଳେ |
| | | ଘ) ରାଣୀକ୍ଷେତ ଆର୍-ଟୁ-ବି | ୧୬-୧୭ ସପ୍ତାହ ବୟସ | ୦.୫ମି.ଲି. ଚମତଳେ |
| ୩ | ଗୁମ୍ବୋରୋ | ଗୁମ୍ବୋରୋ | ୧୪-୨୧ ଦିନ | ଏକ ବୁନ୍ଦା ଆଖିରେ |
| ୪ | କୁକୁଡ଼ା ବସନ୍ତ | କୁକୁଡ଼ା ବସନ୍ତ | ୬-୭ ସପ୍ତାହ | ଡ଼େଣାତଳେ ଛୁଞ୍ଚିରେ ଫୋଡ଼ି |



**କୃଷି ବିଜ୍ଞାନ କେନ୍ଦ୍ର ଅନୁଗୁଳ**

ପୋ : ହୁଳୁରୀସିଂହା, ପଞ୍ଚମହଲା, ଅନୁଗୁଳ-୭୫୯୧୩୨